୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.244 Bhubaneswar Saturday November 09 2024 | ୨୬ତମ ବର୍ଷ ସଂଖ୍ୟା-୨୪୪ ଭୁବନେଶ୍ୱର, ଶନିବାର, ନଭେମ୍ବର ୦୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ସ୍କୁଲରେ ଝୁଲାଇଦେଲେ ନା ଝୁଲି ପଡିଲେ !





ଭୁବନେଶ୍ୱର,୮।୧୧(ପି.ଏନ): ସ୍କୁଲ କ୍ୟାମ୍ପସରେ ଝୁଲି ପଡିଥିଲେ ନା ଝୁଲାଇଦେଲେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ! ସ୍ପଷ୍ଟ ଦିବାଲୋକରେ ଏପରି ଘଟଣା ଘଟିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ କେମିତି ଜାଣିପାରିଲେ ନାହିଁ ଯଦି ଏହା ଆତ୍ମହତ୍ୟା, ତାହାହେଲେ କଅଁଳ ବୟସରେ କ'ଣ ପାଇଁ ଏପରି ରାସ୍ତା ଅପଣାଇଲେ ଛାତ୍ର ଏହା ପଛରେ ଅନ୍ୟ କିଛି କାରଣ ନାହିଁ ତ ଏପରି ଅସମାହିତ ପ୍ରଶ୍ନ ଭିତରେ ଛନ୍ଦି ହୋଇପଡିଛି ୪ର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ରହସ୍ୟ । ରାୟଗଡା ଜିଲ୍ଲା କାଶୀପୁର ଥାନା ଚନ୍ଦ୍ରଗିରି ସଦର ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ ଖୁରିଗାଁ ଗାଁର ଖଗେଶ୍ୱର ମାଝିଙ୍କ ୧୧ ବର୍ଷୀୟ ପୁତ୍ର କୁନା ଝଡିଆ । ସେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ସବୁଦିନ ପରି ଗୁରୁବାର ରାତିରେ ସାଥୀଙ୍କ ସହିତ ଖାଇପିଇ ନିଜ ରୁମ୍‌ରେ ଶୋଇଥିଲେ କୁନା । ଆଜି ସକାଳେ ସବୁ ପିଲା ଉଠି କ୍ଲାସ୍ କରିବାକୁ ଯାଇଥିଲେ । ହେଲେ କୁନା ସ୍କୁଲ୍ କାନ୍ଥରେ ଲାଗିଥିବା ଏଙ୍ଗେଲ୍‌ରେ ରଶି ଲଗାଇ ଝୁଲି ପଡିଥିବା ଅଭିଯୋଗ ହୋଇଛି ।

## ଘରୋଇ ୟୁନିଭର୍ସିଟି ହଷ୍ଟେଲରୁ ମିଳିଲା ଝୁଲନ୍ତା ମୃତଦେହ

ଭୁବନେଶ୍ୱର: ପୁଣି ପ୍ରାଣହାରିଲେ ଛାତ୍ର । ଶୁକ୍ରବାର ଘରୋଇ ୟୁନିଭର୍ସିଟି ହଷ୍ଟେଲରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଏହି ମୃତ ଛାତ୍ର ଜଣକ ଛତିଶଗଡର ବୋଲି ଜଣାପଡିଛି । ତେବେ ଏହି ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ଏହି ଘଟଣା ବର୍ତ୍ତମାନ ଭୁବନେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଗତକାଲି ହଷ୍ଟେଲ ରୁମ୍‌ରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ମେଡିକାଲ କୋଚିଂ ନେଉଥିବା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ସୂଚନାନୁଯାୟୀ, ପଟିଆ ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରୁ ମୃତଦେହ ଉଦ୍ଧାର ହୋଇଥିଲା । ମୃତ ଛାତ୍ରୀଙ୍କ ଘର କଟକ । ସେ ହଷ୍ଟେଲରେ ରହି ପାଠ ପଢୁଥିଲେ । ହତ୍ୟା ନା ନିଜେ ଜୀବନ ହାରିଛନ୍ତି, ତାହା ବର୍ତ୍ତମାନ ଅସ୍ପଷ୍ଟ ରହିଛି । ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ପୋଲିସ ଛାନଭିନ ଆରମ୍ଭ କରିଥିଲା ।

## ଭୁବନେଶ୍ୱରରେ ଲଭ୍ ଜିହାଦ୍ ! ଧରାପଡିଲେ କଶ୍ମୀର ଯୁବକ

ଭୁବନେଶ୍ୱରରେ ଲଭ୍ ଜିହାଦ୍ ! ଧରାପଡିଲେ କଶ୍ମୀର ଯୁବକ । ଅଭିଯୁକ୍ତ କଶ୍ମୀର ଯୁବକକୁ କଟକରେ ପୁଲିସ୍ ଅଟକ ରଖିଛି । ଅନ୍‌ଲାଇନ୍ ଗେମ୍‌ରୁ ଆରମ୍ଭ ହୋଇଥିଲା ହିନ୍ଦୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ । ଜଗତସିଂହପୁରର ଯୁବତୀଙ୍କୁ ନେବା ପାଇଁ ଆସିଲା ବେଳେ ମାଡି ବସିଲା ପୁଲିସ୍ ।ଫ୍ରି ଫାୟାର୍ ଗେମ୍ ଖେଳୁଥିବା ବେଳେ ରୀମା(ଛଦ୍ମନାମ) ୨୦୨୨ ମସିହାରେ ସମୀରଙ୍କ ସଂସ୍ପର୍ଶରେ ଆସିଥିଲେ । ସମୀରଙ୍କ ଘର ବିହାରରେ ହୋଇଥିବା କଶ୍ମୀରରେ ଚାକିରି କରୁଛନ୍ତି । ସେ ନିଜର ତଥ୍ୟକୁ ଗୋପନ ରଖିଥିଲେ । ସେ ହିନ୍ଦୁ ବୋଲି ରୀମାଙ୍କୁ ପରିଚୟ ଦେଇଥିଲେ ।

# ପୁଲିସ ନକ୍ସଲ ଗୁଳିବିନିମୟ: ୨ ନକ୍ସଲ ମୃତ, ମାଓ ସାମଗ୍ରୀ ଜବତ

ମାଲକାନଗିରି: ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି ।ଏହି ଗୁଳିବିନିମୟରେ ୨ ଜଣ ନକ୍ସଲ ନିହତ ହୋଇଥିବାବେଳେ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି । ଘଟଣା ଅନୁଯାୟୀ ବିଶେଷ ସୂତ୍ରରୁ ବିଜାପୁର ଜିଲ୍ଲାର ଉସୁର-ବାସାଗୁଡା-ପାମେଡ ଅଂଚଳରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସକୁ ସୂଚନା ମିଳିଥିଲା । ତୁରନ୍ତ ଡିଆରଜି,ଏସଟିଏଫ,କୋବ୍ରା ଏବଂ ସିଆରପିଏଫ ବାଟାଲିୟନର ଯବାନ ଏହି ଅଂଚଳକୁ ସର୍ଚ୍ଚ ଅପରେସନରେ ବାହାରିଥିଲେ ।ଆଜି ସକାଳ ୧୧ଟା ବେଳେ ନକ୍ସଲଙ୍କ ସହ ସାମ୍ନାସାମ୍ନି ହୋଇଥିଲା । ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । ଯବାନ ମଧ ପାଲଟା ଜବାବ ଦେଇଥିଲେ । ଦିନ ଚାରିଟା ପର୍ଯ୍ୟନ୍ତ ରହି ରହି ନକ୍ସଲ ତରଫରୁ ଗୁଳି ଚଳାଯାଉଥିଲା । ତେବେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଦୁଇ ଜଣ ନକ୍ସଲଙ୍କର ମୃତ ଦେହ ଠାବ କରିବା ସହ ମାଓ ସାମଗ୍ରୀ ଜବତ କରିଛି । ମୃତ ମାଓବାଦୀଙ୍କର ଚିହ୍ନଟ ହୋଇନଥିବା ପୁଲିସ କହିଛି ।

# ସଲମାନ ଖାନଙ୍କ ପରେ ଶାହରୁଖଙ୍କୁ ମିଳିଲା ହତ୍ୟା ଧମକ

ମୁମ୍ବାଇ,୮।୧୧(ପି.ଏନ):ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ବଲିଉଡର ଦବଙ୍ଗ ଷ୍ଟାର ସଲମାନ ଖାନଙ୍କୁ ଅନେକ ଥର ହତ୍ୟା ଧମକ ଦିଆଯାଇଛି । ଏନେଇ ତାଙ୍କ ସୁରକ୍ଷା ବଢ଼ାଯାଇଥିବା ବେଳେ ଏବେ ବଲିଉଡର କିଙ୍ଗ୍ ଶାହାରୁଖ ଖାନଙ୍କୁ ମଧ୍ୟ ହତ୍ୟା ଧମକ ମିଳିଥିବା ସାମ୍ନାକୁ ଆସିଛି । ଏହି ଘଟଣାରେ ବାନ୍ଦ୍ରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏବେ ଖବର ଆସୁଛି ଯେ ଶାହାରୁଖଙ୍କୁ ଧମକ ଦେଇଥିବା ଅଭିଯୁକ୍ତଙ୍କୁ ରାୟପୁରରୁ ଗିରଫ କରାଯାଇଛି ।ସୂଚନା ମୁତାବକ, ରାୟପୁରର ଫେଜାନ ନାମକ ଜଣେ ବ୍ୟକ୍ତି କଲ୍ କରି ହତ୍ୟା କରିବାକୁ ଧମକ ଦେଇଥିଲେ । ୫୦ଲକ୍ଷ ଟଙ୍କା ଦିଅ । ନଚେତ୍ ମାରିଦେବି ବୋଲି କହିଥିଲେ ଅଭିଯୁକ୍ତ । ଏହି ଫୋନ୍ କଲ୍ ଶାହାରୁଖ ଖାନଙ୍କ ପ୍ରଡକ୍ସନ୍ କମ୍ପାନି ରେଡ୍ ଚିଲିଜର କାର୍ଯ୍ୟାଳୟକୁ ଆସିଥିଲା । ଧମକ ପାଇବା ପରେ ଶାହାରୁଖ ଖାନଙ୍କ ପ୍ରଡକ୍ସନ୍ କମ୍ପାନି ତୁରନ୍ତ ପୁଲିସ ନିକଟରେ ଅଭିଯୋଗ କରିଥିଲା । ଏହା ପରେ ମୁମ୍ବାଇର ବାନ୍ଦ୍ରା ପୁଲିସ ଷ୍ଟେସନରେ ଏକ ଏଫଆଇଆର ପଞ୍ଜିକୃତ କରାଯାଇଥିଲା । ଯାଞ୍ଚ ବେଳେ ଯେତେବେଳେ ପୁଲିସ ଏହି କଲକୁ ଟ୍ରାକ୍ କରିଥିଲା, ସେତେବେଳେ ଏହା ରାୟପୁରରୁ ଆସିଥିଲା ବୋଲି ଜଣାପଡିଥିଲା । ଏବେ ଠିକଣା ପାଇ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା କୁହାଯାଉଛି । ହେଲେ ଏପର୍ଯ୍ୟନ୍ତ ପୁଲିସ ଏହି ଖବର ଉପରେ ପ୍ରତିକ୍ରିୟା ଦେଇନ ?ାହିଁ ।

## ଆଜି ଛଟ୍ ପୂଜା; ନଦୀପଠାରେ ଜମିଛି ବ୍ରତଧାରୀଙ୍କ ଭିଡ

ଭୁବନେଶ୍ୱର,୮।୧୧(ପି.ଏନ): ଆଜି ହେଉଛି ପବିତ୍ର ଛଟ ପୂଜାର ଅନ୍ତିମ ଦିନ । ଚାରି ଦିନ ଧରି ଅନୁଷ୍ଠିତ ହେଉଥିବା ପୂଜା ଆଜି ସମାପନ ହେଉଛି । ଏହି ଅବସରରେ ଛଟ୍ ବ୍ରତଧାରୀ ବହୁ ଆସ୍ଥା ଓ ନିଷ୍ଠାର ସହ ମାତା ଛଟିଙ୍କ ପୂଜା କରିଥାନ୍ତି ।ପ୍ରକୃତିରୁ ମିଳୁଥିବା ସମସ୍ତ ଫଳ ମୂଳ ଦେଇ ମାତା ଛଟିଙ୍କ ପୂଜା କରାଯାଇଥାଏ ।

# ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ବଡଠାକୁର



ଭୁବନେଶ୍ୱର,୮।୧୧(ପିଏନ): ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀ ବଳଭଦ୍ର । ଆଜି ଶ୍ରୀମନ୍ଦିରରେ ଅବକାଶ ନୀତି ପରେ ବଡଠାକୁରଙ୍କୁ ହରିହର ବେଶରେ ସଜିତ କରାଯାଇଛି । ବଡ ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉ ଥିବାବେଳେ ଏହି ବେଶରେ ହରି ଓ ହରଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ । ଏହି ବେଶରେ ବଡଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ବସ୍ତ୍ର ପରିଧାନ କରି ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି । କିନ୍ତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରାଧାଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ପୁଷ୍ପାଳକ ସେବକମାନେ ବଡଠାକୁରଙ୍କୁ ହରିହର ବେଶରେ ଓ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରିଛନ୍ତି ।

# ତୀର୍ଥ ଯାତ୍ରା ହେଲା ଅନ୍ତିମ ଯାତ୍ରା, ସଡ଼କ ଦୁର୍ଘଟଣାରେ ୩ ମୃତ



ଭୁବନେଶ୍ୱର,୮।୧୧(ପି.ଏନ): ତୀର୍ଥ ଯାତ୍ରା ହେଲା ଶେଷ ଯାତ୍ରା । ଅଯୋଧ୍ୟାରୁ ବୃନ୍ଦାବନ ଯାଉଥିବାବେଳେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲାରେ ଘଟିଛି ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଶୁକ୍ରବାର ଅଯୋଧ୍ୟାରୁ ବୃନ୍ଦାବନ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରାଭେଲର ବସ୍ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ ୱେରେ ନାସିରପୁର ଥାନା ଅଞ୍ଚଳରେ ଏକ ମିନି ଟ୍ରକ୍ ସହ ଧକ୍କା ହେବା ଫଳରେ ୩ ଜଣ ଯାତ୍ରୀଙ୍କର ଜୀବନ ଯାଇଛି ।ଦୁର୍ଘଟଣା ସଂପର୍କରେ ସୂଚନା ଦେଇ ଅତିରିକ୍ତ ପୁଲିସ ଅଧୀକ୍ଷକ (ଗ୍ରାମୀଣ) ଅଖିଳେଶ ଭଦୋରିଆ କହିଛନ୍ତି ଯେ, ବସ୍ ଅଯୋଧ୍ୟାରୁ ତୀର୍ଥଯାତ୍ରୀଙ୍କୁ ନେଇ ମଥୁରା ଅଭିମୁଖେ ଯାଉଥିଲା । ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ ୱେରେ ନାସିରପୁର ଥାନା ଅଞ୍ଚଳରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ମିନି ଟ୍ରକକୁ ଧକ୍କା ଦେଇଥିଲା । କଣ୍ଟ୍ରୋଲ ରୁମରେ ସୂଚନା ପାଇବା ପରେ ଟଚରଓଉଇର ସୁରକ୍ଷା ଅଧିକାରୀ ଏବଂ ବରିଷ୍ଠ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବସ୍ ?ରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ ।

# ବର୍ବରତାର ସୀମା ଟପିଲା ପୋଲିସ

ମୟୂରଭଞ୍ଜ,୮।୧୧(ପି.ଏନ): ବର୍ବରତାର ସୀମା ଟପିଲା ପୋଲିସ । ଅସହାୟ ବାପାର ଭାବାବେଗକୁ ନ ବୁଝି ଗୋଡାଇ ଗୋଡାଇ ବିଚ୍ ରାସ୍ତାରେ ପିଟିଲା । ଲୋକଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ପୋଲିସ ସାଜିଲା ହିଂସ୍ର । ଜଣେ ନିରୀହ ବାପା ନିଜ ଛୁଆର ନ୍ୟାୟ ପାଇଁ ପ୍ରତିବାଦ କରିବାରୁ ପୋଲିସଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିଲେ । ଏଭଳି ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜର ୧୮ ନମ୍ବର ଜାତୀୟ ରାଜପଥରେ ।ସୂଚନାରୁ ପ୍ରକାଶ କୁଳିଅଣା ଥାନା ଅନ୍ତର୍ଗତ ପାତିହିଞ୍ଜା ଗାଁର ଜଣେ ବ୍ୟକ୍ତି ତାଙ୍କ ତିନି ବର୍ଷର ଶିଶୁ କନ୍ୟାର ଦେହ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । କିନ୍ତୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସେ ଝିଅକୁ କାନ୍ଧରେ ବସାଇ ତିନି କିଲୋମିଟର ଚାଲି ଚାଲି ଆସି ଜାତୀୟ ରାଜପଥ ଯାଏଁ ପହଞ୍ଚିଥିଲେ । ହେଲେ ଜାତୀୟ ରାଜପଥରେ ସେ ବିରକ୍ତ ହୋଇ ପ୍ରତିବାଦ କରିଥିଲେ ଏବଂ ରାସ୍ତାରେ ଯାଉଥିବା ଟ୍ରକ୍ ଅଟକାଇ ଏହାର ପ୍ରତିବାଦ କରିଥିଲେ । ଖବର ପାଇ କୁଳିଅଣା ଥାନା ପୋଲିସ ସେଠାରେ ପହଞ୍ଚି ସେହି ବ୍ୟକ୍ତିଙ୍କୁ ମାଡ ମାରି ଉଠାଇ ନେଇଥିଲେ । କୁଳିଆଣା ଥାନାର ଦୁଇ କର୍ମଚାରୀ ନିଜର ହିତାହିତ ଜ୍ଞାନ ଭୁଲି ଯାଇ ଜଣେ ଅସହାୟ ବାପାକୁ ସହାୟତାର ହାତ ବ?ାଇବା ବଦଳରେ ଗୋଡାଇ ଗୋଡାଇ ଲାଠି ସାହାଯ୍ୟରେ ନିଷ୍ଠୁରତାର ସହ ମାଡ ମାରିଥିଲେ । ଏପରି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁରୁତ୍ୱର ଦେଉ ନାହାନ୍ତି କାହିଁକି ତାହା ଏବେ ବଡ ପ୍ରଶ୍ନ ସୃଷ୍ଟି କରିଛି । ତେବେ ଦେଖିବାକୁ ବାକି ରହିଲା ନିରୀହ ବାପାଙ୍କୁ ମାଡ ମାରିଥିବା ପୋଲିସ କର୍ମଚାରୀଙ୍କ ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

# ନାରୀର ବିକାଶ ବିନା ସମୃଦ୍ଧ ଓଡିଶା ସମ୍ଭବ ନୁହେଁ: ସମ୍ପଦ

କଟକ,୮।୧୧(ପି.ଏନ): ଯୁଗେ ଯୁଗେ ନାରୀମାନଙ୍କର ସ୍ୱତନ୍ତ୍ରତା ଓ ମହାନତା ରହିଛି । ନାରୀ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ହୁଏ । ୨୦୩୬ ମସିହା, ସ୍ୱତନ୍ତ୍ର ଓଡିଶା ଗଠନର ଶତବାର୍ଷିକୀ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । କିନ୍ତୁ ନାରୀଶକ୍ତିର ବିକାଶ ନ ହେଲେ, ବିକଶିତ ଓଡିଶା ସମ୍ଭବ ନୁହେଁ ବୋଲି କହିଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । କଟକର ବିଜୁ ପଟ୍ଟନାୟକଛକସ୍ଥିତ ସାରଳା ଭବନରେ 'ସମ୍ବାଦ' ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ 'ଓଡିଶା-୫୦' ଚତୁର୍ଥ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ନାରୀମାନଙ୍କୁ ସଚେତନ, ସଶକ୍ତ ଓ ସ୍ୱୟଂସଂପୂର୍ଣ୍ଣ କରିବା ପାଇଁ 'ସମ୍ବାଦ'ର ଏହି ପ୍ରୟାସ ବାସ୍ତବରେ ପ୍ରଶଂସନୀୟ । 'ସମ୍ବାଦ' ଓଡିଶାର ନାରୀ ଓ ସରକାର ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବା ସହିତ ବିଭିନ୍ନ ସମସ୍ୟାର ସମାଧାନ କରି ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଯୋଗାଉଛି । ଶ୍ରୀ ସ୍ୱାଇଁ କହିଲେ ଯେ ମହିଳାମାନେ ନିଜେ ଉଦ୍ୟମ ନ କଲେ କେହି ସେମାନଙ୍କୁ ସ୍ୱାବଲମ୍ବୀ କରିପାରିବେ ନାହିଁ । ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ରହିଲେ ଯାଇ ଜଣେ ମହିଳା ସଫଳ ହୋଇପାରିବ ।

# ୪୦ ହଜାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଡାକ୍ତର

ଜୟପୁର,୮।୧୧(ପି.ଏନ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆଉ ଜଣେ ଡାକ୍ତର । କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ବିଶ୍ୱଜିତ ଭୂୟାଁଙ୍କୁ ଆଜି ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଧରିଛି ।ସୂଚନା ଅନୁଯାୟୀ, ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଜଣେ କର୍ମଚାରୀ ମେଡିକାଲ ଅଫିସର ଡାକ୍ତର ବିଶ୍ୱଜିତ ଭୂୟାଁଙ୍କୁ ବକେୟା ଦରମା ଦେବାକୁ ବାରମ୍ବାର ନିବେଦନ କରିବା ପରେ ସେଥିପ୍ରତି କର୍ଣ୍ଣପାତ କରିନଥିଲେ ଡାକ୍ତର । ପରେ ସେ ୪୦ ହଜାର ଟଙ୍କା ଦେଲେ ବକେୟା ଦରମା କରାଇ ଦେବେ ବୋଲି କହିଥଲେ । ଏହି ଘଟଣାରେ ବୈପାରୀଗୁଡ଼ା ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ଫାର୍ମାସିଷ୍ଟ ମଧ୍ୟସ୍ଥତା କରିଥିଲେ । ଏନେଇ କୋରାପୁଟ ଭିଜିଲାନ୍ସର ସହାୟତା ଲୋଡିଥିଲେ ଅଭିଯୋଗକାରୀ । ପୂର୍ବ ଯୋଜନା ମୁତାବକ ଆଜି ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଭିଯୋଗକାରୀଙ୍କ ଠାରୁ ଡାକ୍ତର ବିଶ୍ୱଜିତ ଭୂୟାଁ ୪୦ ହଜାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ଭିଜିଲାନ୍ସ ତାଙ୍କଠାରୁ ୪୦ ହଜାର ଟଙ୍କା ବି ଜବତ କରିଛି । ଏନେଇ ଭିଜିଲାନ୍ସ ଅଧିକ ତଦନ୍ତ କରୁଥିବା ଜଣାଯାଇଛି ।

# ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ ତରଫରୁ ବର୍ଜ୍ୟ ବସ୍ତୁ ପରିଚାଳନା ପ୍ରକଳ୍ପ




ଦାନଗଦି,୮।୧୧(ପି ଏନ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ ଏହାର ସି.ଏସ.ଆର କାର୍ଯ୍ୟକ୍ରମ ମାଧ୍ୟମରେ ଦାନଗଦି ପଞ୍ଚାୟତ ସମିତି ଅଧିନସ୍ଥ ଶୋଲେଇ, ଶିଙ୍ଗାଗଡିଆ, ଦାନଗଦି ଗ୍ରାମ ଏବଂ ଦାନଗଦି ବଜାର ଅଞ୍ଚଳରେ ବର୍ଜ୍ୟ ବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରିଆସୁଅଛି ଓ ଉପରୋକ୍ତ ସ୍ଥାନ ଗୁଡ଼ିକରେ ପରିବେଶ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହିତ ଗ୍ରାମର ପ୍ରତ୍ୟେକ ଲୋକମାନଙ୍କୁ ସ୍ୱଚ୍ଛ ପରିବେଶର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ପ୍ରକଳ୍ପର ପ୍ରମୁଖ ଉଦ୍ଦେଶ୍ୟ ରହିଥିବା ବେଳେ ଚଳିତ ବର୍ଷ ଶୋଲେଇ ଗ୍ରାମକୁ ଏକ ସ୍ୱଚ୍ଛ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି ଓ ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତିଦିନ ଘରଘର ବୁଲି ଅଳିଆ ସଂଗ୍ରହ ଗାଡି ପ୍ରତ୍ୟେକ ଘରୁ ଓଦା ଏବଂ ଶୁଖିଲା ଦୁଇ ପ୍ରକାରର ଆବର୍ଜନା ସଂଗ୍ରହ କରିବା ସହିତ ସଂଗୃହିତ ବର୍ଜ୍ୟବସ୍ତୁ ଗୁଡିକୁ ନେଇ ଧୂଳିଗଡ ଠାରେ ନିର୍ମିତ ଗଜର କେନ୍ଦ୍ରଠାରେ ପ୍ରକ୍ରିୟାକରଣ କରାଯାଇଥାଏ ଓଓଦା ବର୍ଜ୍ୟବସ୍ତୁରୁ କମ୍ପୋଷ୍ଟ ଖତ ପ୍ରସ୍ତୁତ କରାଯାଉଥିବା ବେଳେ ଶୁଖିଲା ବର୍ଜ୍ୟ ବସ୍ତୁକୁ ପୁନଃ ବ୍ୟବହାରଯୋଗ୍ୟ କରିବା ପାଇଁ ଓଡିଶା ବାହାରକୁ ପଠାଯାଏ ଓ ଓଦା ବର୍ଜ୍ୟ ବସ୍ତୁରୁ ପ୍ରସ୍ତୁତ କମ୍ପୋଷ୍ଟ ଖତକୁ ପରିବେଶ ଅନୁକୂଳିତ ପ୍ୟାକେଟରେ ପ୍ୟାକିଂ କରାଯାଇ ଲୋକମାନଙ୍କୁ ବିଭିନ୍ନ ଫସଲ ତଥା ଫୁଲଗଛରେ ପ୍ରୟୋଗ କରିବା ପାଇଁ ବିନା ମୂଲ୍ୟରେ ପ୍ରଦାନ କରାଯାଇଥାଏ ଓ ଏତଦବ୍ୟତୀତ ବିଭିନ୍ନ ସ୍ୱ?ଛାସେବୀ ମାନଙ୍କୁ ନେଇ ବିଭିନ୍ନ ସମୟରେ ଗ୍ରାମ୍ୟ ରାସ୍ତା ସଫେଇ କାର୍ଯ୍ୟକ୍ରମ କରାଯାଉଅଛି ଓ ଏହି ପ୍ରକଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି କମ୍ପାନୀ କର୍ତ୍ତୃପକ୍ଷ ଚଳିତ ବର୍ଷ ଶୋଲେଇ ଗ୍ରାମକୁ ଏକ ଆଦର୍ଶ ଗ୍ରାମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏହା ଫଳରେ ଗ୍ରାମରେ ପ୍ରତିଦିନ ଦୁଇଟି ଅଳିଆ ସଂଗ୍ରହ ଗାଡି ପ୍ରତ୍ୟକ ଘର ଏବଂ ଶ୍ରମିକମାନେ ରହୁଥିବା ଅସ୍ଥାୟୀ ଶିବିର ଗୁଡ଼ିକରୁ ଅଳିଆ ସଂଗ୍ରହ କରିବା ସହିତ ବହୁ ବର୍ଷ ଧରି ପଡିରହିଥିବା ଅଳିଆଗଦା ଗୁଡିକୁ ସଫା କରି ସେହି ସ୍ଥାନ ଗୁଡିକରେ ବିଭିନ୍ନ ଅଳଙ୍କାରିକ ବୃକ୍ଷରୋପଣ କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଉଅଛି, ଯାହା ଫଳରେ ଲୋକମାନେ ସେହି ସ୍ଥାନ ଗୁଡିକରେ ପୁନର୍ବାର ଅଳିଆ ପକାଇବା ପରିବର୍ତ୍ତ ? ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ କରିଆସୁଛନ୍ତି ଓଏହା ସହିତ ଶୋଲେଇ ଗ୍ରାମରେ ଥିବା ଏକ ଆବର୍ଜ୍ଜନାପୁର୍ଣ ପୋଖରୀକୁ ସଫେଇ କରାଯାଇ ବ୍ୟବହାର ଯୋଗ୍ୟ କରାଯିବା ସହିତ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏହା ଛଡ଼ା ଗ୍ରାମ ଗୁଡିକରେ ସ୍ୱଚ୍ଛତା କମିଟି ଗଠନ କରାଯାଇ ପ୍ରତ୍ୟେକ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯିବା ସହିତ ବିଭିନ୍ନ ପ୍ରଶିକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଜ୍ୟ ବସ୍ତୁଗୁଡିକର ସଫଳ ପରିଚାଳନା ଉପରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଅଛି ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନ କରିବା ପାଇଁ ଦାନଗଦି ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗୀତା, ଚିତ୍ରାଙ୍କନ ପ୍ରତିଯୋଗୀତା, ପୋଷ୍ଟର ତିଆରି ପ୍ରତିଯୋଗୀତା ପ୍ରଭୃତି ଆୟୋଜନ କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଉଅଛି ଓ ତା ସହିତ ବିଦ୍ୟାଳୟ ପରିସର ସବୁଜ ସୁନ୍ଦର କରିବା ପାଇଁ ମାଣତିରା ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ବିଲୁପ୍ତ ପ୍ରାୟ ଔଷଧୀୟ ବୃକ୍ଷ ଗୁଡିକର ରକ୍ଷଣାବେକ୍ଷଣ ତଥା ସେଗୁଡିକର ଔଷଧୀୟ ଗୁଣ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇବା ପାଇଁ କୁମ୍ଭିରାଗାଡିଆ ବିଦ୍ୟାଳୟ ପରିସରରେ ଔଷଧୀୟ ବଗିଚା ପ୍ରତିଷ୍ଠା କରିବା ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି ଓ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷଙ୍କର ଏହି ପରିବେଶ ସମ୍ବନ୍ଧିତ ବର୍ଜ୍ୟ ବସ୍ତୁ ପରିଚାଳନା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରୀନ ଡ୍ରିମ ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥାକୁ ନିୟୋଜିତ କରିଛନ୍ତି ଓ ଏହି ପ୍ରକଳ୍ପର ଉପାଦେୟତାକୁ ଉପଲବ୍ଧି କରି ଦାନଗଦି ବ୍ଲକର ଜଡଝ଼ଝ଼ ବିଭାଗ ଏବଂ ତ୍ରିଜଙ୍ଗା ପଞ୍ଚାୟତ ତରଫରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଅଛି ଓ ଏହି ପ୍ରକଳ୍ପ ଦ୍ୱାରା ବିଭିନ୍ନ ଗ୍ରାମରେ ଏକ ସ୍ୱଚ୍ଛ ନିରୋଗ ପରିବେଶ ସୃଷ୍ଟି କରାଯାଇ ପାରିବା ସହିତ ପ୍ରତ୍ୟକ ଗ୍ରାମରେ ଏକ ସ୍ୱଚ୍ଛ ବାତାବରଣ ସୃଷ୍ଟି କରାଯାଇ ପାରିବ ବୋଲି ଜିନ୍ଦଲ ଉଝ଼ଜ ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଏବଂ ସି.ଏସ.ଆର ମୁଖ୍ୟ ସୁକାନ୍ତ କୁମାର ରଥ ମତବ୍ୟକ୍ତ କରିବା ସହିତ ଏହି ପ୍ରକଳ୍ପର ସୁପରିଚାଳନା ପାଇଁ ଗ୍ରାମର ପ୍ରତ୍ୟକ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭ୍ରାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ତୁ’ ମୋତେ ନ ଖା’, ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା’ କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ “ଧୂମପାନ ନିଷେଧ” ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବା ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା’ ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ’ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- ***“ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।”***

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତ୍ତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ’ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ପ୍ରଧାନଶିକ୍ଷକ ସମ୍ମିଳନୀ ଉଦଯାପିତ

ପୁରୀ,(ପି.ଏନ): ଟାଉନ ହଲ ଠାରେ ଦୀର୍ଘ ୩ ଦିନ ଧରି ପରିଚାଳିତ ହେଉଥିବା ପୁରୀ ଜିଲ୍ଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଯତ୍ନବାନ ହେବାକୁ ପ୍ରେରଣା ଦେଇଥିଲେ। ପାଠରେ ଭଲ କରୁ ନ ଥିବା ଛାତ୍ର ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଭଲ କରି ଜୀବନ ଓ ଜୀବିକାକୁ ସାର୍ଥକ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଉପସ୍ଥିତ ହୋଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ସକ୍ରିୟ ହେଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହେବା ସହ ସାମଗ୍ରିକ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଏନ୍ ସି ଆର ଟି ପ୍ରଫେସର ଲକ୍ଷ୍ମୀଧର ବେହେରା ୨୦-୨୦ ନ୍ୟାସନାଲ ଏଜୁକେସନ ପଲିସି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା ସ୍କୁଲ୍ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବିଦ୍ୟାଳୟର ପ୍ରାର୍ଥନା ସଭା ସୁପରିଚାଳନା ଓ ଅନ୍ୟାନ୍ୟ ଇନୋଭେଟିଭ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ରମେଶ ଚନ୍ଦ୍ର ସାହୁ ଓ ବିଚିତ୍ରାନନ୍ଦ ଜେନା ପେଡାଗୋଜି ଓ ଅର୍ଥ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ପୁରୀ ଆରଟିଓ ରବୀନ୍ ପଟ୍ଟନାୟକ ସଡକ ନିରାପତା ଓ ଡିସିପିଓ, ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା, ସ୍କାଉଟସ୍ ଓ ଜୁନିୟର ରେଡ୍‌କ୍ରସ୍ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱଜିତ ଭୋଳ ପ୍ରୋଗ୍ରାମର, ପି ଏମ୍ ପୋଷଣ ଏମ୍ ଡି ଏମ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତିକେଶ୍ୱର ପ୍ରଧାନ ଭିନ୍ନକ୍ଷମ ପିଲାମାନଙ୍କ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସୁଶୀଲ କୁମାର ବ୍ରହ୍ମା ମଣ୍ଡଳ ଶିକ୍ଷାଧିକାରୀ, ଗୋପ, ଶିକ୍ଷାର୍ଥୀ ମାନଙ୍କ ବୀମା ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥ ସଂଯୋଜନା ଓ ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପ୍ରଧାନଶିକ୍ଷକ ରୂପଶ୍ରୀ ଛୋଟରାୟ ବିବରଣୀ ପାଠ କରିଥିଲେ ଓ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡା କେ.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଇଯାଇଛି। ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାର ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ, ମୁଖ୍ୟବକ୍ତା ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ବଡ଼ବିଲ-ରୁଙ୍ଗଟା ମାଇନ୍‌ସର ବରିଷ୍ଠ ପ୍ରବନ୍ଧକ ଚିନ୍ମୟ କୁମାର ମହାନ୍ତ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ସଫଳତାର ସିଡି ଚଢ଼ିବାକୁ ହେଲେ ସ୍ୱପ୍ନ, ବିଶ୍ୱାସ, ଅଭ୍ୟାସ ଓ ସିଷ୍ଟମ୍ କୁ ଅନୁସରଣ କରିବାକୁ ପଡ଼ିବ ବୋଲି ଦିଗଦର୍ଶନ ଦେଇଥିଲେ। କଠିନ ପରିଶ୍ରମ କରି, ଭଲ ପାଠ ପଢ଼ି ବିଦ୍ୟାଳୟ ତଥା ଦେଶର ସୁନାମ ଆଣିବାକୁ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ

ଗଞ୍ଜାମ, (ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ତ୍ଅର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ ।କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧ୍ୟରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି। ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୂତି ପ୍ରକାଶ କରିଥିଲେ। ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ପଂଚାନନ, ପଂଚାୟତ୍ରି, ରାମପ୍ରସାଦ, ଲୋଚନ, ରାଧାଶ୍ୟାମ ଓ ବ୍ରହ୍ମାକୁମାରୀ ଲୀଳା, ଭାଗ୍ୟ, ସୁଜ୍ଞାନୀ, ସ୍ମିତା, ସୁମିତ୍ରା, କସ୍ତୁରି, ସବିତା ତଥା ଅନ୍ୟାନ୍ୟ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ।




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବରୁ ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକଙ୍କୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ତିଳାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ତିଳାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ତିଳାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ତିଳାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ତିଳାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ତିଳାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ତିଳାପିଆ ଭାବେ ଗଣା ହୋଇଥାଏ। ନୀଳ ତିଳାପିଆ ଶଙ୍କର ଜାତୀୟ ତିଳାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ତିଳାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ତିଳାପିଆ ନୀଳନଦୀ ତିଳାପିଆର ପ୍ରଜାତି ଅଟେ। ଲାଲ୍ ତିଳାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ତିଳାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ତିଳାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ତିଳାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ତିଳାପିଆ ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ତିଳାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ତିଳାପିିଆକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।



ପୋଖରୀ ଚାଷ- ଫିଲିଫାଇନ୍ସରେ ତିଳାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ତିଳାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ତିଳାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ତିଳାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ତିଳାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ତିଳାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ତିଳାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ତିଳାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚ ଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘ ।ର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***



ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ୱର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କ ।ଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପ ର୍ତ୍ତି ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷା ର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବା ର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବା ର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବା ର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗକୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାତେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯**

## ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ୍ ପରିଚାଳନା କମିଟି ସଭାପତି ଡ. ଚିତରନ ମହାନ୍ତିଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ସଭାକୁ କଲେଜ୍ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ, ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା ମାଧ୍ୟମରେ ଉତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ଭୀମସେନ ତରାଇ, ସୁଧାଂଶୁ ମୋହନ ସାହୁ, ଦାମୋଦର ପଣ୍ଡା, ନାଏବ୍ ସରପଂଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶା' କୁମାର ପଣ୍ଡା, ହେମ' କୁମାର ଦାସ, ଅଜୟ ତରାଇ ଓ ଉଦୟ ତରାଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃ ି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭି ିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଲୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଅ । ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିଳ୍ପା ଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିଳ୍ପା ଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ। ଏପରି କୃଷିଭି ିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅ ଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବ ର୍ତ୍ତୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବ ର୍ତ୍ତୀ ସମୟରେ ଚାଷୀଙ୍କୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ। ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି। ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃ ିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବ ର୍ତ୍ତମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧ୍ୟମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱି ।ଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱି ।ଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱି ।ଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**

**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ରାଜ୍ୟରେ ହ୍ରାସ ପାଉଛି ମଶାବାହିତ ରୋଗ

ଭୁବନେଶ୍ୱର (ପିଏନ୍): ବିଶ୍ୱବାସୀଙ୍କୁ ବିଭିନ୍ନ ରୋଗରୁ ମୁକ୍ତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନେକ ପଦକ୍ଷେପ ଗ୍ରହଣ କରୁଛି। ବିଭିନ୍ନ ସମୟରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସକୁ ବିଶ୍ୱ ସ୍ତରରେ ପାଳନ କରାଯିବା ସହ ଭୟାବହତା ଏବଂ ରୋଗର ସଚେତନତାକୁ ମଧ ପ୍ରାଧାନ୍ୟ ଦିଆଯାଉଛି। ପ୍ରତିବର୍ଷ ଏପ୍ରିଲ ୨୫ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି। ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ମାଧମରେ ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ୧୦୬ଟି ଦେଶରେ ସମୁଦାୟ ୩୩୦ କୋଟି ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ଅଛନ୍ତି ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ୨୦୧୨ ମସିହାରେ ମ୍ୟାଲେରିଆରେ ପୀଡ଼ିତ ହୋଇ ୬ଲକ୍ଷ ୨୭ ହଜାର ଲୋକଙ୍କର ମୃତ୍ୟୁ ହୋଇଥିବା କଥା ଏକ ଆକଳନରୁ ଜଣାଯାଏ। ଏମାନଙ୍କ ମଧ୍ୟରୁ ଆଫ୍ରିକୀୟ ଶିଶୁଙ୍କ ସଂଖ୍ୟା ସର୍ବାଧିକ। ପ୍ରଥମେ ଆଫ୍ରିକା ମହାଦେଶର ବିଭିନ୍ନ ଅଞ୍ଚଳରେ ଆଫ୍ରିକା ମ୍ୟାଲେରିଆ ଦିବସ ପାଳନ କରାଯାଉଥିଲା। ପରେ ପରେ ଏହି ଦିବସର ଗୁରୁତ୍ୱ ଓ ସଚେତନତା ବାର୍ତ୍ତା ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା। ବିଶ୍ୱ ସଂଗଠନ ଦ୍ୱାରା ପାଳିତ ହେଉଥିବା ସ୍ୱାସ୍ଥ୍ୟ ଦିବସଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ୨୦୦୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ବୈଠକରେ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ଘୋଷଣା କରାଯାଇଥିଲା। ମ୍ୟାଲେରିଆକୁ ଜାଣି ଏହାର ପ୍ରତିକାର ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଥିଲା। ଆଫ୍ରିକା ମ୍ୟାଲେରିଆ ଦିବସ ୨୦୦୧ ମସିହା ଏପ୍ରିଲ ୨୫ରେ ପାଳିତ ହୋଇଥିଲା। ଏଥିରେ ଆଫ୍ରିକାର ୪୪ଟି ମ୍ୟାଲେରିଆ ଆକ୍ରାନ୍ତ ରାଷ୍ଟ୍ର ସାମିଲ ହୋଇଥିଲା। ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ବିଭିନ୍ନ ସଚେତନତା ବାର୍ତ୍ତା, ପଦକ୍ଷେପମାନ ଗ୍ରହଣ କରାଯାଇଥାଏ। ୨୦୧୪ରେ ୟୁରୋପରେ ଏହାର ନିରାକରଣ ପାଇଁ ୧୬ଟି କାର୍ଯ୍ୟପନ୍ଥା ହାତକୁ ନିଆଯାଇଥିଲା। ଯାହାକି ଆଫ୍ରିକା, ଆମେରିକା ଏବଂ ୟୁରୋପର ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ପ୍ରଶଂସିତ ହୋଇପାରିଥିଲା। ନାଇଜେରିଆର ସ୍ୱାସ୍ଥ୍ୟମନ୍ତ୍ରୀ ୨୦୧୬ରେ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଶପଥ ନେଇଥିଲେ। ଠିକ୍ ସେହିପରି ୨୦୦୭ ଏପ୍ରିଲ ୨୫କୁ ଆମେରିକାର ରାଷ୍ଟ୍ରପତି ମ୍ୟାଲେରିଆ ସଚେତନତା ଦିବସ ଭାବେ ପାଳନ କରିଥିଲେ। ରାଜ୍ୟରେ ଚିକୁନଗୁନିଆ ରୋଗ ଲୋପ ପାଇଛି। ଗତବର୍ଷ ଗୁଡ଼ିକ ତୁଳନାରେ ୨୦୧୭ରେ ରାଜ୍ୟରେ ଜଣେ ହେଲେ ବି ରୋଗରେ ଆକ୍ରାନ୍ତ ହୋଇ ନଥିବା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତାର ୨୦୧୭-୧୮ ବାର୍ଷିକ କାର୍ଯ୍ୟ ବିବରଣୀ ରିପୋର୍ଟରେ ପ୍ରକାଶ କରିଛି। ଅନ୍ୟପଟେ ରାଜ୍ୟରେ ମଶା କାମୁଡ଼ାରୁ ବ୍ୟାପୁଥିବା ରୋଗ କମିଛି। ମ୍ୟାଲେରିଆ ଓ ଡେଙ୍ଗୁରୋଗରେ ମୃତ୍ୟୁ ଛାଡ଼ି ଦେଲେ ମଶା ଦ୍ୱାରା ବ୍ୟାପୁଥିବା ଅନ୍ୟ ରୋଗରେ ରାଜ୍ୟରୁ ଜଣେ ହେଲେ ବି ରୋଗୀର ମୃତ୍ୟୁ ହୋଇନାହିଁ ବୋଲି ନିର୍ଦ୍ଦେଶାଳୟ ରିପୋର୍ଟରେ ପ୍ରକାଶ କରିଛି। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ୬ରୋଗ ରହିଛି। ଏହି ରୋଗ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ରୋଗ ଗୁଡ଼ିକ ହେଲା, ମ୍ୟାଲେରିଆ, ଫାଇଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଏବଂ କଳା ଜ୍ୱର। ରାଜ୍ୟରେ କଳା ଜ୍ୱର ବ୍ୟତୀତ ଅନ୍ୟ ପାଞ୍ଚ ରୋଗର ପ୍ରାଦୁର୍ଭାବ ଦେଖାଯାଇଥାଏ। ଏହି ରୋଗଗୁଡ଼ିକର ପ୍ରତିରୋଧ, ନିୟନ୍ତ୍ରଣ ପାଇଁ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟ କରୁଛି। ମ୍ୟାଲେରିଆ ରାଜ୍ୟର ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା। ରାଜ୍ୟରେ ମ୍ୟାଲେରିଆ ୮୫% କମିଥିବା କୁହାଯାଉଥିଲେ ମଧ ୨୦୧୨-୨୦୧୩ ତୁଳନାରେ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଦେଖିଲେ ଏହା ଅନୁମାନ କରାଯାଇ ପାରୁଛି। ଚିକନଗୁନିଆ ରୋଗୀଙ୍କ ସଂଖ୍ୟା ୨୦୧୨ରେ ୧୨୯ ଥିବାବେଳେ ୨୦୧୩ରେ ୩୫, ୨୦୧୪ରେ ୧୦ ଓ ୨୦୧୫ରେ ୪୬, ୨୦୧୬ରେ ୧୫ ଓ ୨୦୧୭ରେ ଜଣେ ହେଲେ ରୋଗରେ ଆକ୍ରାନ୍ତ ହୋଇନାହାନ୍ତି। ଜାପାନିଜ୍ ଏନ୍‌ସେଫାଲାଇଟିସ ୨୦୧୭ରେ ରୋଗୀ ୭୯ ଥିବାବେଳେ ଜଣେ ହେଲେ ମୃତ୍ୟୁବରଣ କରିନଥିଲେ। ୨୦୧୬ରେ ୨୪୨ ରୋଗାକ୍ରାନ୍ତ ହୋଇଥିବା ବେଳେ ୩୯ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୫ରେ ରୋଗୀ ୩୨ ମୃତ୍ୟୁ ୨। ୨୦୧୩ରେ ରୋଗୀ ୧। ୨୦୧୧ରେ ରୋଗୀ ୧୫ ମୃତ୍ୟୁ ୧। ଅନ୍ୟପଟେ ମାଇକ୍ରୋଫାଇଲେରିଆର ଅନୁପାତ ରାଜ୍ୟରେ କମି ଚାଲିଛି। ୨୦୧୭ରେ .୧୪% ଥିବାବେଳେ ୨୦୧୬ରେ .୭୧%, ୨୦୧୫ରେ .୬୮%, ୨୦୧୪ରେ .୮୨%, ୨୦୧୩ରେ .୩୪% ଓ ୨୦୧୨ରେ .୪୩% ଥିଲା ବୋଲି ବିବରଣୀରେ ପ୍ରକାଶ ପାଇଛି। ସେହିପରି ୨୦୧୨ ମସିହାରେ ୨୬୨୮୪୨ ରୋଗୀଙ୍କ ମଧ୍ୟରୁ ୭୯ରୋଗୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୩ ମସିହାରେ ୨୨୮୮୫୮ ରୋଗୀଙ୍କ ମଧ୍ୟରୁ ୬୭ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୪ ମସିହାରେ ୩୯୫୦୦୪ ରୋଗୀଙ୍କ ମଧ୍ୟରୁ ୮୯ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୪୩୬୭୯୨ ରୋଗୀଙ୍କ ମଧ୍ୟରୁ ୮୦ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪୪୯୬୯୭ ଜଣଙ୍କ ରୋଗୀଙ୍କ ମଧ୍ୟରୁ ୭୭ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ ମସିହାରେ ୩୫୨୧୪୦ ରୋଗୀଙ୍କ ମଧ୍ୟରୁ ୨୪ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବା ସଂଖ୍ୟା ୨୦୧୨ ମସିହାରେ ୨୨୫୫ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ବରଣ କରିଥିବାବେଳେ ୨୦୧୩ ମସିହାରେ ୭୧୩୨ ଜଣ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ହୋଇଥିଲେ। ୨୦୧୪ ମସିହାରେ ୬୪୩୩ ଜଣ ରୋଗୀଙ୍କ ମଧ୍ୟରୁ ୯ଜଣ ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୨୪୫୭ଜଣ ରୋଗୀଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ ମସିହାରେ ୮୩୮୦ ରୋଗୀ ମଧ୍ୟରୁ ୧୧ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୧୭ ମସିହାରେ ୪୧୪୮ ରୋଗୀଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିଲା। ମ୍ୟାଲେରିଆ ହେଉଛି ଏକ ସଂକ୍ରାମକ ରୋଗ। ମାଇ ଏନୋଫେଲିସ୍ ମଶା ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏହାର ବାହକ ହେଉଛି ରକ୍ତ। ରକ୍ତ ଦ୍ୱାରା ଏହା ଜଣେ ବ୍ୟକ୍ତି ଠାରୁ ଅନ୍ୟ ବ୍ୟକ୍ତି ଶରୀରରେ ପ୍ରବେଶ କରିଥାଏ। ଏହି ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ରୋଗର ଲକ୍ଷଣମାନ ଦେଖାଦିଏ। ରାତି ୯ଟାରୁ ସକାଳ ୫ଟା ଭିତରେ ସାଧାରଣତଃ ଏହି ମଶା କାମୁଡ଼ିଥାଏ। ମଶାର ଲାଳ ବ୍ୟକ୍ତି ରକ୍ତ ସଂସ୍ପର୍ଶରେ ଆସି ମ୍ୟାଲେରିଆ ରୋଗ ସୃଷ୍ଟି କରିଥାଏ। ଏଥିପାଇଁ କୌଣସି ଟୀକାକରଣର ବ୍ୟବସ୍ଥା ହୋଇପାରିନାହିଁ। ମ୍ୟାଲେରିଆରେ ଆକ୍ରାନ୍ତ ହେଲେ ବ୍ୟକ୍ତି ଦଶଦିନରୁ ଆରମ୍ଭ କରି ୪ ସପ୍ତାହ ପର୍ଯ୍ୟନ୍ତ ଅସୁସ୍ଥ ହୋଇପଡ଼େ। ମାତ୍ର ମଶା କାମୁଡ଼ିବାର ୭ ଦିନ ଭିତରେ ହିଁ ରୋଗୀ ନିଜକୁ ଅସୁସ୍ଥ ଅନୁଭବ କରିଥାଏ। ଜ୍ୱର, ମୁଣ୍ଡବିନ୍ଧା ଏବଂ ବାନ୍ତି ହେବା ଭଳି ଲକ୍ଷଣମାନ ଦେଖାଦେବ। ମ୍ୟାଲେରିଆରେ ବ୍ୟକ୍ତି ଆକ୍ରାନ୍ତ ହେଲେ ଆନିମିଆ ରୋଗ ହେବାର ଆଶଙ୍କା ଥାଏ। ଯାହାକି ପରବର୍ତ୍ତୀ ସମୟରେ ମସ୍ତିଷ୍କରେ ରକ୍ତଜମାଟ ବାନ୍ଧିଦିଏ। ସେରେବ୍ରାଲ ମ୍ୟାଲେରିଆ ହେଲେ କୋମା, ଆଜୀବନ ଅକ୍ଷମ କିମ୍ବା ମୃତ୍ୟୁଭଳି ବିପତ୍ତିକୁ ଡାକିଆଣେ। ମ୍ୟାଲେରିଆରୁ ରୋଗୀକୁ ରକ୍ଷା କରିବା ପାଇଁ ପ୍ରଥମେ ପ୍ରାଥମିକ ଚିକିତ୍ସା ଓ ସେବା କରିବା ଗୁରୁତ୍ୱପୂର୍ଣ୍ଣ। ଶୋଇବା ସମୟରେ ମଶାରୀ ଟାଣି ଶୋଇବା ଆବଶ୍ୟକ।




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା, ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ, ବେଆଇନ, ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୂଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁ ର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥିଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

2023-2024

2024-2025

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday November 9 ଭୁବନେଶ୍ବର ଶନିବାର, ନଭେମ୍ବର ୦୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କଟକ ବାଲିଯାତ୍ରା ବେଳେ ଫୁଟପାଥରେ ବସିପାରିବେନି ଉଠା ଦୋକାନୀ, ଆଜିଠାରୁ ୨୪ ପର୍ଯ୍ୟନ୍ତ ନିଷେଧାଦେଶ ଜାରି

ଭୁବନେଶ୍ବର, (ପି.ଏନ): କଟକ ବାଲିଯାତ୍ରା ସମୟରେ ଫୁଟପାଥରେ ବସିପାରିବେ ନାହିଁ ଉଠାଦୋକାନୀ। ଏ ନେଇ କଟକ ଜିଲ୍ଲାପାଳ ନିଷେଧାଦେଶ ଜାରି କରିଛନ୍ତି। ରିଂ ରୋଡ୍ ଜୋବ୍ରାଠାରୁ ଚ଼ହଟା, ଉପର ଓ ତଳ ବାଲିଯାତ୍ରା ପଡିଆ ଏବଂ ଏହାର ଆଖପାଖ ରାସ୍ତାରେ ଉଠା ଦୋକାନୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ନିଷେଧାଦେଶ ଜାରି କରାଯିବା ସହ ଧାରା ୧୬୩ ଲାଗୁ କରାଯାଇଛି। ଆଜିଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶ ଜାରି କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଏହି ନିଷେଧାଦେଶ ଜାରି କରିଛନ୍ତି। ତେବେ ଉଠା ଦୋକାନୀଙ୍କ ଜୀବନଜୀବିକା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ତଳ ବାଲିଯାତ୍ରା ପଡିଆରେ ସେମାନଙ୍କ ବ୍ୟବସାୟ ନିମନ୍ତେ ୨୦ ହଜାର ବର୍ଗଫୁଟ ସ୍ଥାନ ଚ଼ିହ୍ନଟ କରାଯାଇଛି। ଉଠା ଦୋକାନୀମାନେ ଆବଶ୍ୟକ ୟୁଜର ଫି’ ଦେଇ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସାୟ କରିପାରିବେ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଧେ।ପ୍ରଥମ ଥର ପାଇଁ ବାଲିଯାତ୍ରାରେ ଗ୍ରୀନ କରିଡରର ବ୍ୟବସ୍ଥା କରାଯାଇଛି। ମହାନଦୀ କୂଳେ କୂଳେ ଏହି କରିଡର ରହିବ। ଟ୍ରାଫିକ ପରିଚ଼ାଳନା ଓ ଆମ୍ବୁଲାନ୍ସ ଚ଼ଳାଚ଼ଳ ପାଇଁ ଏହି ଗ୍ରୀନ କରିଡର କାର୍ଯ୍ୟ କରିବ।

## ରାଜ୍ୟର ସବୁ ମୁଖ୍ୟ ପୋଷ୍ଟ ଅଫିସରେ ଲିଙ୍କ୍ ଫେଲ୍, ହେଉ ପାରୁନି କାରବାର

ଭୁବନେଶ୍ବର,୮।୧୧(ପି.ଏନ): ରାଜ୍ୟର ସବୁ ମୁଖ୍ୟ ପୋଷ୍ଟ ଅଫିସରେ ଲିଙ୍କ୍ ଫେଲ୍ ହୋଇଛି, ହେଉ ପାରୁନି କୌଣସି କାରବାର । ୩ ଦିନ ହେଲାଣି ଲିଙ୍କ୍ ଫେଲ୍ ଯୋଗୁଁ କାରବାର ବନ୍ଦ । ଭୁବନେଶ୍ବର ପ୍ରଧାନ ଡାକଘର ଅଫିସରେ ବି ସମାନ ଅବସ୍ଥା । ଲିଙ୍କ୍ ଫେଲ୍ ଥିବା ନେଇ ସାଇନ୍ ବୋର୍ଡରେ ଲେଖା ହୋଇଛି । ତେବେ ଏହା କେଉଁ କାରଣ ପାଇଁ ହୋଇଛି ତାହା ଏବେ ପର୍ଯ୍ୟନ୍ତ ଜଣା ପଡ଼ିନି ।କୌଣସି ଯାନ୍ତ୍ରିକ ତ୍ରୁଟି ଥିବା ଅନୁମାନ କରାଯାଉଛି । ଏପରି ପରିସ୍ଥିତିରେ ଜମାକାରୀ ଓ ଟଙ୍କା ଜମା କରିବା ହେଉ କି ଟଙ୍କା ଉଠାଣ ହେଉ ନଥିବା ସୂଚ଼ନା । ଯାହାକୁ ନେଇ ଚ଼ିନ୍ତାରେ ଏବେ ଜମାକାରୀ । କିଛି ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଆବଶ୍ୟକ ଅର୍ଥ ପାଇଁ ପୋଷ୍ଟ ଅଫିସ୍ ଚ଼କର କାଟି କିଛି ଲୋକ ଫେରୁଥିବା ଦେଖିବାକୁ ମିଳୁଛି । ତେବେ ସବୁଠୁ ବଡ଼ କଥା ଏସମ୍ପର୍କିତ ନେଇ ପ୍ରଧାନ ଡ଼ାକଘରର ମୁଖ୍ୟ କିମ୍ବା କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ ।ଦେଶର ସବୁଠୁ ଭରସା ଯୋଗ୍ୟ ସରକାରୀ ସଂସ୍ଥା କହିଲେ ପୋଷ୍ଟ ଅଫିସକୁ ବୁଝାଏ । ଏଭଳି କ୍ଷେତ୍ରରେ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟା ରଖୁଛନ୍ତି । ପୋଷ୍ଟ ଅଫିସ ପରିଚ଼ାଳନା ଉପରେ ଏବେ ପ୍ରଶ୍ନ ଉଠାଇଲେଣି ସାଧାରଣ ଲୋକ ।

## ଗରାମ ପଂଚ଼ାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନ



ଜଗତସିଂହପୁର ,(ପି ଏନ) ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଚ଼ାଂୟତ ର କୋପାଳ ଗ୍ରାମ ରେ କପିଳେଶ୍ବର ଯୁବକ ସଂଘ ତରଫରୁ ଏକ ଭଲି ବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ନିର୍ବାଚ଼ନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗରାମ ପଚ଼ାଂୟତ ର ସରପଚ଼ଂ ପ୍ରଦ୍ୟୁମ୍ନ କିଶୋର ଚ଼ୟନୀ ଓ ପଚ଼ାଂୟତ କଂଗ୍ରେସ ସଭାପତି ଚ଼ିତ୍ତ ରଂଜନ ଦାସ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଇଂ ମଲ୍ଲିକ ନିଜ ଅଭିଭାଷଣ ରେ କପିଳେଶ୍ବର ୟୁଥ୍ କ୍ଲବ ର ସମସ୍ତ ସଦସ୍ୟ ମାନଙ୍କୁ ଭଲି ଖେଳ ର ପ୍ରଚ଼ାର ପ୍ରସାର ପାଇଁ କରିଥିବା ପ୍ରୟାସ କୁ ଭୂୟଶୀ ପ୍ରଶଂସା କରିଥିଲେ ।

## ମୈତ୍ରୀ କମ୍ପାନିର ସପକ୍ଷରେ କହି ବିଡିଓ ହଟହଟା

ଭବାନୀପାଟଣା,(ପି.ଏନ); କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଜିମାଳି ଖଣି ଖନନରେ ପ୍ରଭାବିତ ହେବାକୁ ଥିବା ନାକରୁଣ୍ଡି, କୁଟୁମାଳି ଓ କେରପାଇ ପଞ୍ଚାୟତବାସୀଙ୍କ ବିରୋଧ ଏବେବି ଜାରି ରହିଛି। ବିକାଶ ନାଁରେ ଭିଟାମାଟିରୁ ହଟାଇବା ପାଇଁ କମ୍ପାନି ହୀନ ଚ଼କ୍ରାନ୍ତ କରୁଛି। ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କୁ ମିଥ୍ୟା ମାମଲାରେ ଫସାଇ ନିର୍ଯାତନା ଦେଉଛି ବୋଲି ପ୍ରଭାବିତ ଗ୍ରାମବାସୀ ଅଭିଯୋଗ କରିଆସିଛନ୍ତି। ଆମ ଜଙ୍ଗଲ, ଜମି, ଜଳ କୌଣସି ମତେ କମ୍ପାନିକୁ ଲୁଟିବାକୁ ଦିଆଯିବ ନାହିଁ ବୋଲି ଶପଥ ନେଇଛନ୍ତି। ତେବେ ସୋମବାର ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚ଼ରଣ ମୁଦୁଲି ନାକରୁଣ୍ଡି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ଯୋଗଦେବାକୁ ପହଞ୍ଚିଥିଲେ। ସେଠାରେ ୩ଟି ପଞ୍ଚାୟତବାସୀ ପ୍ରବଳ ବିରୋଧ କରିବା ସହ ଦୀର୍ଘ ଦେଢ଼ଘଣ୍ଟା ଧରି ତାଙ୍କୁ ଗାଡ଼ି ଭିତରେ ଅଟକ ରଖିଥିଲେ। ପରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ବିଡିଓ ମୁକୁଳିଥିଲେ। ସୂଚ଼ନାନୁସାରେ କିଛିଦିନ ତଳେ ଥୁଆମୂଳ ରାମପୁର ବିଡିଓ ଶ୍ରୀ ମୁଦୁଲି କୁଟୁମାଳି ଓ କେରପାଇ ଗାଁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ କହିଥିଲେ। ସେମାନଙ୍କୁ ଗୁଣପୁର ପଞ୍ଚାୟତ ସାନଭଟାରେ ଥଇଥାନ କରା?ଯିବବୋଲି ସେ କହିଥିଲେ। ଯାହାକୁ ନେଇ ପ୍ରଭାବିତ ୩ ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ବିଡିଓ ଜନଶୁଣାଣିରେ ପହଞ୍ଚିବାରୁ ୩ ପଞ୍ଚାୟତବାସୀ ବିରୋଧ କରିଥିଲେ। ସେଠାରେ ଚ଼ାପାଉଉ?ଜନା ଦେଖାଯାଇଥିଲା। ବିଡିଓ ମୈତ୍ରୀ କମ୍ପାନିର ସପକ୍ଷରେ ଓକିଲାତି କରିବାରୁ ପ୍ରଭାବିତ ଗ୍ରାମବାସୀ ହଟ୍ଟଗୋଳ କରିଥିଲେ। କେବଳ ସେତିକି ନୁହଁ ପ୍ରଶାସନର ଜନଶୁଣାଣିରେ ବିଭିନ୍ନ ବିଭାଗର କର୍ମଚ଼ାରୀ, ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା କଥା । କିନ୍ତୁ କେବଳ ଆରଆଇ ଓ ଭିଏଡବ୍ଲୁଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଶିବିର କରାଯିବା ନେଇ ମଧ୍ୟ ଅଞ୍ଚଳବାସୀଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଥିଲା।

## ଓଡିଶା ବ୍ରିଗେଡ୍ ସୈନିକ ସ୍କୁଲରେ ଗୁରୁ ଦିବସ ପାଳନ ଓ ବୃକ୍ଷ ରୋପଣ ସହ ପୁରସ୍କାର ବିତରଣ ଉତ୍ସବ

ଧାମନଗର (ପି.ଏନ); ପ୍ରତିବର୍ଷ ପରି ଏବର୍ଷ ସେପ୍ଟେମ୍ବର ୫ ତାରିଖ ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ରୂପେ ପାଳନ କରାଯାଇଛି। ଏହି କ୍ରମରେ ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳର ପୁର ପଲ୍ଲୀରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଭାବ ଓ ଭକ୍ତିର ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ବସନ୍ତ ମହାପାତ୍ରଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚ଼ିତ୍ରାଙ୍କନ ପ୍ରତିଯୋଗୀତା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

## ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ୧୨୪ତମ ଜନ୍ମ ଜୟନ୍ତୀ ପାଳିତ : ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବୀ

ପାରାଦ୍ୱୀପ/କୁଜଙ୍ଗ,(ପି.ଏନ): ନାରାୟଣ ବୀରବର ସାମନ୍ତ ଚ଼ାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ୧୨୪ତମ ଜୟନ୍ତୀ ପାରାଦ୍ୱୀପ ନିକଟସ୍ଥ ସଂସ୍କୃତିପୂର୍ଣ୍ଣ ଐତିହାସିକ ଉଦୟବଟ ଧାମ ଠାରେ ସୋମବାର ଦିନ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ପ୍ରତ୍ୟୁଷରୁ ପାରାଦ୍ୱୀପ ଗଡ଼ସ୍ଥ ରାଜନଅରରେ ଥିବା ଜେମା-ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଟ୍ରଷ୍ଟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ଆୟୋଜିତ ସ୍ମୃତିସଭାରେ ଅଧ୍ୟକ୍ଷତା କରି ସାମନ୍ତଙ୍କ ଜୀବନଶୈଳୀ ଓ ବିଚ଼ାରଧାରା ଉପରେ ବକ୍ତବ୍ୟ ରଖିଥିଲେ କ୍ଷ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଓ ବୃହତ ପାରାଦ୍ୱୀପ ବନ୍ଦର ନିର୍ମାଣର ଅନ୍ୟତମ ପ୍ରମୁଖ ବିନ୍ଧାଣୀ ଥିଲେ ଗାନ୍ଧିବାଦୀ ନେତା ନାରାୟଣ ବୀରବର ସାମନ୍ତ କ୍ଷ ଭାରତବର୍ଷର ପ୍ରଥମ ଛାତ୍ର, ଯିଏ କି ରେଭେନ୍ସା କଲେଜରୁ ପାଠପଢ଼ା ଛାଡି ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆହୁତ ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ କ୍ଷ କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ଼ରେ ଶିକ୍ଷାର ବିକାଶ ପାଇଁ ସ୍ଥାପିତ ଗୋପବନ୍ଧୁ ଦାସ ବିଜ୍ଞାନ ମହାବିଦ୍ୟାଳୟ ନାରାୟଣ ବୀରବର ସାମନ୍ତଙ୍କ ଅନ୍ୟବେଦ ସୃଷ୍ଟି । ୧୯୦୦ ମସିହା ଅକ୍ଟୋବର ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର ଇନ୍ଦୁପୁର ଗ୍ରାମର ସମ୍ଭ୍ରାନ୍ତ ଜଗଦେବ ପରିବାରରେ ପିତା ପରମାନନ୍ଦ ଜଗଦେବ ଓ ମାତା ନକ୍ଷେତ୍ରମାଳିଙ୍କ କୋଳମଣ୍ଡନ କରିଥିଲେ ନାରାୟଣ ବୀରବର ସାମନ୍ତ କ୍ଷ ୧୯୩୧ ମସିହାରେ କୁଜଙ୍ଗ ରାଜାଙ୍କ ଝିଅ ରତ୍ନମାଳୀ ଜେମାଙ୍କ ସହିତ ବିବାହ ସମ୍ପନ୍ନ, ୧୯୩୭ ରୁ ୧୯୪୬ମସିହା ପର୍ଯ୍ୟନ୍ତ ପଶ୍ଚିମ ଯାଜପୁର ଆସନରୁ ପ୍ରତିନିଧିତ୍ୱ, ପୁନଃରାୟ ୧୯୪୬ ମସିହାରେ ପୂର୍ବ କଟକ ସଦର ନିର୍ବାଚ଼ନ ମଣ୍ଡଳୀରୁ ବିଧାନସଭାର ସଭ୍ୟ ଭାବେ ନିର୍ବାଚ଼ିତ ହୋଇଥିଲେ କ୍ଷ ସ୍ୱାଧୀନ ଭାରତରେ ଅନୁଷ୍ଠିତ ପ୍ରଥମ ଉପନିର୍ବାଚ଼ନ ସାରା ଦେଶରେ ଦୃଷ୍ଟି ଆକର୍ଷଣ କରିଥିବା ସମୟରେ ତିର୍ତ ?ଲ-ଏରସମା ସମ୍ମିଳିତ ନିର୍ବାଚ଼ନ ମଣ୍ଡଳୀରୁ ସାମନ୍ତ ବିଜୟୀ ହୋଇ ଆପଣାର ଅବିସମ୍ବାଦିତ ଜନପ୍ରିୟତାର ପ୍ରମାଣ ଦେଇଥିଲେ । ସାମନ୍ତ ଯୁବକ ଅବସ୍ଥାରେ ମହାପୁରୁଷ ରାଜୀବ ଲୋଚ଼ନ ଦାସଙ୍କ ସଂସ୍ପର୍ଶରେ ଆସି ଦୀକ୍ଷା ଗ୍ରହଣ କରିଥିଲେ । ସେହି ମହାପୁରୁଷଙ୍କ ମୁଖ୍ୟଧାମ ଉଦୟବଟ ଆଜି ପରିବେଶ ଧ୍ୱଂସକାରୀ କାର୍ବନ କାରଖାନାର କଳାଧୂଆଁର ବିଷବଳୟରେ ପ୍ରଭାବିତ, ଏଭଳି ପରିବେଶ ହତ୍ୟାକାରୀ ଶିଳ୍ପକୁ ଶୀଘ୍ର ସରକାର ସ୍ଥାନାନ୍ତର କରି ଉଜୁଡି ଯାଉଥିବା ମହାନ ଧାମକୁ ପୁନଃଉଦ୍ଧାର କରିବା ସହିତ ଜିଲ୍ଲା ମୁଖ୍ୟାଳୟ, ଜଗତସିଂହପୁର ଓ ପାରାଦ୍ୱୀପ ବନ୍ଦର କାର୍ଯ୍ୟାଳୟ ଠାରେ ସାମନ୍ତଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଟ୍ରଷ୍ଟ ତରଫରୁ ବକ୍ତାମାନେ ବକ୍ତବ୍ୟରେ ଦାବୀ କରିଥିଲେ ।

## ଓଡିଶା ଗୋଁଣ୍ଡ ସମାଜ ସମନ୍ୱୟ ସମିତି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି : ଓଡିଶାରେ ଗୋଁଣ୍ଡ ଭବନ ଅତିଶୀଘ୍ର ହେବ ନିର୍ମାଣ



ଭୂବନେଶ୍ବର,(ପି.ଏନ): ଭୂବନେଶ୍ବରସ୍ଥ ୟୁନିଟ୍ -୧ସ୍ଥିତ ମାନ୍ୟବର ପୂର୍ବତନ ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀଙ୍କ ବାସଭବନରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ଖାମ ସିଂ ମାଝୀ ସଭାପତିତ୍ୱରେ ଓଡିଶା ପ୍ରଦେଶର ଗୋଁଣ୍ଡ ସମାଜର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୋଁଣ୍ଡ ସାଂସ୍କୃତିକ ସମାଜ, ଶଡବଂଶୀ ଗୋଁଣ୍ଡ ସମାଜ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ । ଉକ୍ତ ମିଳିତ ବୈଠକରେ ଭୂବନେଶ୍ବରସ୍ଥିତ ଚନ୍ଦ୍ରଶେଖରପୁରଠାରେ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗୋଁଣ୍ଡ ସମାଜର ଗୋଁଣ୍ଡ ଭବନ ନିର୍ମାଣ କରିବା ପାଇଁ ମିଳିତ ଭାବେ ସମସ୍ତ ପ୍ରତିନିଧିମାନଙ୍କ ସର୍ବ ସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଦାବୀ ହୋଇଥିଲା । ଏତଦ୍ ବ୍ୟତୀତ ରାଜ୍ୟରେ ଗୋଁଣ୍ଡ ସମାଜ ସମନ୍ୱୟ ସମିତି ଓଡିଶା ପ୍ରଦେଶ ଗଠନ ପ୍ରସ୍ତାବ ଆଗତ ହୋଇ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିଲା । ଏହି ବୈଠକରେ ପୂର୍ବତନ ମାନ୍ୟବର ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାନସଭା ସଦସ୍ୟ ରମେଶ ଚନ୍ଦ୍ର ସାଏ, ପ୍ରକାଶ ଚନ୍ଦ୍ର ମାଝୀ, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହାସ୍ୟ କୁମାର ନାୟକ, ବ୍ରହ୍ମାନନ୍ଦ ନାୟକ, ଭାଗୀରଥି ନାୟକ-ଗୋଁଣ୍ଡ ସାଂସ୍କୃତିକ ସମାଜ, ତପି ମରେଇ- ଶଡବଂଶୀ ଗୋଁଣ୍ଡ ସମାଜ, ପ୍ୟାରୀମୋହନ ନାୟକ, ହେମନ୍ତ ଧ୍ରୁଆ,ଦମୟନ୍ତୀ ମହାପାତ୍ର, ମିନତୀ ସିଂହ, ରୀନା ମାଝୀ, ସୁକାନ୍ତିବାଳା ନାୟକ, ଚୁଡାମଣୀ ଧ୍ରୁଆ, ପ୍ରେମାନନ୍ଦ ମାଝୀ ଏବଂ ମୀନକେତନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ଆୟୋଜିତ ହେବ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା ’ସାହାଣୀ କପ’ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ବର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲା ର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦ ଜଣ ଅଫିସିଆଲ ଓ ଚ଼ୟନକର୍ତ୍ତା ଯୋଗଦେବେ । ଜିଲ୍ଲା ଗୁଡିକୁ ୨ ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ଼ ଖେଳିବେ । ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ । ପ୍ରତ୍ୟକ ଦିନ ପ୍ରଥମ ମ୍ୟାଚ଼ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ଼ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ । ଉଦଘାଟନୀ ଉତ୍ସବ ରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏବଂ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଓଡିଶା ଫୁଟବଲ ଓ ଆଥଲେଟିକ ଆସୋସିଏସନ ର ସମ୍ପାଦକ ଡଃ. ଆର୍ଶୀବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଡି.ଏନ.ସୋଛି ସୂଚ଼ନା ଦେଇଥିଲେ ।

## ଆମ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ



ଭୂବନେଶ୍ବର,(ପି.ଏନ): ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ ଶ୍ରୀମତୀ ଗୀତା ତ୍ରିପାଠୀ ଓ ତ୍ରିଦିବ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ପ୍ରାଚୀନ ଭାରତୀୟ ସଂସ୍କୃତିର ସଚେତନତା ଓ ପୁନଃଜାଗରଣ ପାଇଁ ‘ଆମ ସଂସ୍କୃତି‘ ପକ୍ଷରୁ କୁଇଜ୍ ଓ ଯୋଗ ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗ କିପରି ଜୀବନକୁ ସୁସ୍ଥ ଓ ସୁନ୍ଦର କରିପାରେ ତା’ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀମତୀ ସୁଦତ୍ତା ପଟ୍ଟନାୟକ ଭାରତୀୟ ସଂସ୍କୃତିର ପ୍ରାଚୀନତା ଓ ବୈଶିଷ୍ଟ୍ୟ , ନୈତିକ ମୂଲ୍ୟବୋଧ ଉପରେ ଆଧାରିତ ଏବଂ ଏହାକୁ ସୁରକ୍ଷିତ ରଖିବା ଉଚିତ୍ ବୋଲି କହିଥିଲେ। ଶ୍ରୀଯୁକ୍ତ ସଂଜୟ ନନ୍ଦ ଛାତ୍ରଛାତ୍ରୀମାନଙ୍କ ସହିତ ଯୌଗିକ ଜୀବନ ଶୈଳୀ ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ଜ୍ଞାନର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । ଆଧୁନିକତାର ସ୍ପର୍ଶରେ ହଜିଆସୁଥିବା ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରତି ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ପ୍ରତିଯୋଗିତା ଗତ ଜୁଲାଇମାସଠାରୁ ଶ୍ରୀମତୀ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜଧାନୀର ୩୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ସମୁଦାୟ ୪୬ଜଣ ପୁରସ୍କୃତ ହୋଇଛନ୍ତି । ବରିଷ୍ଠ ବର୍ଗ କୁଇଜ୍‌ରେ ୟୁନିଟ୍ -୧ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ୍ ନାୟକ, ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆରୋହନ୍ ମହାପାତ୍ର ଓ ଖଣ୍ଡଗିରିସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ତନ୍ମୟ ତଥାଗତ ମିଳିତ ଭାବରେ ପ୍ରଥମ ପୁରସ୍କାର ଓ ଯୋଗରେ ବିଜେଇଏମ୍ ସ୍କୁଲ୍‌ର ଅଦିତି ଐଶ୍ୱର୍ଯ୍ୟା ସେଠ୍ ପ୍ରଥମ ପୁରସ୍କାର ଲାଭ କରିଥିଲେ । ଠିକ୍ ସେହିପରି କନିଷ୍ଠ ବର୍ଗରେ ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଅନ୍ୱେଷା ମିଶ୍ର ଓ ଯୋଗରେ ଏକନମ୍ବର କେନ୍ଦ୍ରୀୟ ବିଦ୍ୟାଳୟର ମିରା ଜାସ୍ମିନ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆଗାମୀ ବର୍ଷମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ‘ଆମ ସଂସ୍କୃତି‘ କାର୍ଯ୍ୟକ୍ରମରେ ସାମିଲ୍ କରିବା ଲକ୍ଷ ବୋଲି ତ୍ରିପାଠୀ ଦମ୍ପତି ମତ ପ୍ରକାଶ କରିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE



●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray